

# ଭୁବନେଶ୍ୱର ସିଟି

## ଉଗ୍ରରୂପ ନେଲା ପୂର୍ବଶତ୍ରୁତା

# ଘର ଆଗରେ ଯୁବକଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର, ୨୭।୧୨ (ସମିସ): ରାଜଧାନୀରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଷୁଡ଼ିବାରେ ଲାଗିଛି। ଚୋରି, ଲୁଟ୍ ଓ ଛିନତାଇ ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ବେଳେ ବର୍ଷର ଶେଷ ସପ୍ତାହରେ ରକ୍ତ ରଞ୍ଜିତ ହୋଇଛି ରାଜଧାନୀ। ଦୀର୍ଘଦିନ ହେବ ଲାଗି ରହିଥିବା ପୂର୍ବଶତ୍ରୁତା ଉଗ୍ରରୂପ ନେଇଛି। ଘର ସାମ୍ନାରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି ଦୁର୍ବୃତ୍ତ। ଖଣ୍ଡା ଚୋଟରେ ଗୁରୁତର ହୋଇଛନ୍ତି ଜିତେନ୍ଦ୍ର ଦାସ ଓରଫ୍ ବବୁଲ୍ (୩୧)। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏମ୍‌ସରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଛି।

■ **ଗୁରୁତର ଅବସ୍ଥାରେ ଏମ୍‌ସରେ ଭର୍ତ୍ତି**

■ **ସିସିଟିଭି ଫୁଟେଜ ଅଣ୍ଡାଳୁଛି ପୁଲିସ**

ସୂଚନା ଅନୁଯାୟୀ, ନୂଆପଲ୍ଲୀ ବାଲିତୋଟା ସାହିର ବବୁଲ୍ ଓ ନାରାୟଣୀ ବସ୍ତିର କିଛି ଯୁବକଙ୍କ ସହ ଗଣେଶ ପୂଜା ସମୟରେ ଗଣ୍ଡଗୋଳ ହୋଇଥିଲା। ସେହି ସମୟରେ ଲୋକମାନଙ୍କ ହସ୍ତକ୍ଷେପ ପରେ ମାମଲା ସମାଧାନ ହୋଇ ଯାଇଥିଲା। ହେଲେ ନାରାୟଣୀ ବସ୍ତିର ଯୁବକମାନେ ରାଗ ବବୁଲଙ୍କ ଉପରେ ରାଗ ସୁଝାଇବାକୁ ସୁଯୋଗ ଖୋଜୁଥିଲେ। ଶନିବାର ସନ୍ଧ୍ୟାରେ ବବୁଲ୍ ତାଙ୍କ ଘର ସାମ୍ନାରେ ଛିଡ଼ା ହୋଇଥିବା ବେଳେ ଦୁଇଟି ବାଇକରେ ୪ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର



ଧରି ପହଞ୍ଚିଥିଲେ। ପୂର୍ବ ବିବାଦକୁ ନେଇ ବବୁଲଙ୍କ ସହ ଯୁକ୍ତିତର୍କ କରିଥିଲେ। ହଠାତ୍ ଦୁଇ ଜଣ ଦୁର୍ବୃତ୍ତ ପିଠି ପଟରେ ରଖିଥିବା ଖଣ୍ଡା ବାହାର କରି ବବୁଲଙ୍କୁ ଆକ୍ରମଣ କରିଥିଲେ। ହେଲେ ସେ ଘୁଞ୍ଚିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ବବୁଲ ଜୀବନ ବଞ୍ଚାଇବାକୁ ଦୌଡୁଥିବା ବେଳେ ଦୁର୍ବୃତ୍ତ ମାନେ ଖଣ୍ଡା ଧରି ତାଙ୍କୁ ପିଛା କରିଥିଲେ। ସେମାନଙ୍କ ଭିତରୁ ଜଣେ ଦୁର୍ବୃତ୍ତ ବବୁଲଙ୍କ ମୁଣ୍ଡକୁ ଖଣ୍ଡା ଚୋଟ ପକାଇଥିଲା। ଫଳରେ ସେ ତଳେ ପଡ଼ି ଯାଇଥିଲେ।

ବବୁଲ ଅଚେତ ହୋଇଯିବା ପରେ ଦୁର୍ବୃତ୍ତମାନେ ଆତଙ୍କ ଖେଳାଇଥିଲେ। ଖଣ୍ଡା ବୁଲାଇ ସ୍ଥାନୀୟ ଲୋକଙ୍କୁ ଗାଳିଗୁଲଜ କରିବା ସହ ପୁଲିସକୁ ଜଣାଇଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକମାନେ ବବୁଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍‌ସ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖଣ୍ଡା ଚୋଟରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେପଟେ ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ଛାନଭିନ ଆରମ୍ଭ କରିଛି। ଘଟଣା ବିଷୟରେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ଦୋକାନ ମାନଙ୍କରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରୁଛି। ପୂର୍ବ ବିବାଦକୁ ନେଇ ଅଭିଯୁକ୍ତମାନେ ଏଭଳି କାଣ୍ଡ ଭିଆଇ ଥିବା ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ତେବେ ନୂଆବର୍ଷ ପୂର୍ବରୁ ଅପରାଧୀଙ୍କ ଉତ୍ପାତ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଭାଇଚାରାର ପ୍ରତୀକ ଗାଁ



ଗାଁ ତାଙ୍କ ଭାଇଚାରାର ପ୍ରତୀକ। ଯେଉଁଠି ସଜେଇ ହୋଇଛି ନଈ, ନାଳ ଆଉ ଗଛଲତାର ମେଳ। ଗାଁରେ ଧାନକଟା ଛୁଟିର ମଜା, କ୍ରିକେଟ ଖେଳର ନିଶା ସବୁ ଯେପରି ଆଜି ବି ତାଙ୍କୁ ଗାଁକୁ ଯିବାକୁ ଉସକାଉଥାଏ। କାରଣ ସେଇ ମାଟିରେ ଗଢ଼ି ହେଇଛି ଜୀବନର ଅନେକ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଆପଣେଇ ନିଅନ୍ତି। ସେହି ଭାଇ ବନ୍ଧୁ କୁଟୁମ୍ବଙ୍କ ମେଳିରେ ମଣିଷ ଶିଖିଛି ଆଉ ସାଇତିଛି ସବୁ ସମ୍ପର୍କର ଡାକ ଓ ତା ମହତ।

ନିଜ ଶବ୍ଦର ଗହଣାରେ ଗାଁକୁ ଏପରି ସଜେଇଥିବା ମଣିଷ ହେଉଛନ୍ତି ଦିନବନ୍ଧୁ ପତି। କେଉଁଝର ଜିଲ୍ଲାର ବାଙ୍ଗିଡ଼ି ଗ୍ରାମରେ ତାଙ୍କ ଘର। ଦୀର୍ଘ ୧୧ ବର୍ଷ ହେବ ରାଜଧାନୀର ଭିଏସଏସ ନଗର ଅଞ୍ଚଳରେ ରହୁଛନ୍ତି। ସେ ଜଣେ ଅଧ୍ୟାପକ ଏବଂ ସମାଜସେବୀ। ନିଜ କଥାର ପ୍ରଥମ ବାକ୍ୟରେ ସେ କହିଥିଲେ ଗାଁ ତାଙ୍କୁ କେବେ ଛାଡିନି କି ସେ ମଧ ଗାଁକୁ କେବେ ହେଲେ ନିଜଠୁ ଦୂରେଇ ନାହାନ୍ତି। ପାଠପଢ଼ା ଏବଂ କର୍ମମୟ ଜୀବନ ସିନା ତାଙ୍କୁ ରାଜଧାନୀ ମୁହାଁ କରିଥିଲା ହେଲେ ଆଜି ବି ତାଙ୍କ ମନ ସେଇ ଗାଁ ଦାଣ୍ଡରେ ରହିଲା ପରି ଅନୁଭବ କରନ୍ତି। ସମୟ ସହ ଗାଁ ଓ ସହର ଭିତରେ ଅନେକ ତଫାତ୍ ରହିଛି। ହେଲେ ସମୟ ସହ ଗାଁରେ ବି ଯେପରି ସହରୀକରଣ ଗାଁର ସଜ୍ଞା ବଦଳାଇ ଦେଉଛି। ତଥାବି ଗାଁ ମୋର ସବୁବେଳେ ନିଆରା। ସ୍କୁଲରୁ ଫେରିଲାବେଳେ ସାଙ୍ଗସାଥୀ ମେଳରେ କ୍ରିକେଟ ଖେଳଠୁ ଗାଁ ପୋଖରୀରେ ଗାଧେଇବାର ମଜା ସହରରେ ନାହିଁ। ଏଠାରେ ଗାଡିର ସେ କେଁ କାଁ ଶବ୍ଦ, ସହରର ଅସୁରକ୍ଷିତ ପରିବେଶ ମନକୁ ଖାଲି ବ୍ୟସ୍ତ କରି ପକାଏ। ହେଲେ ଗାଁରେ ସବୁ ଏକାଠି ହୋଇ ରୁହନ୍ତି। ସନ୍ଧ୍ୟା ହେଲେ ଏକାଠି ହୋଇ ବିଭିନ୍ନ ବିଷୟରେ ଚର୍ଚ୍ଚା ହୋଇଥାଏ। ହନୁମାନ ଜୟନ୍ତୀ, ମକର ସଂକ୍ରାନ୍ତି ଏବଂ ଶ୍ରୀ ରାମନବମୀ ମହୋତ୍ସବ ବେଶ ଧୁମ୍‌ଧାମରେ ପାଳନ କରାଯାଏ। ଗାଁରେ ସମସ୍ତେ ଏକଜୁଟ ହୋଇଥାନ୍ତି। କାହାର କିଛି ଅସୁବିଧା ହେଲେ ସାଙ୍ଗରେ ଠିଆ ହୁଅନ୍ତି। ହେଲେ ଏଠି ପଡ଼ିଶା ଘର ଲୋକଙ୍କ ସହ ସେ ସମ୍ପର୍କ ନାହିଁ। ଭଲରେ ମନ୍ଦରେ କେହି କାହାରିକୁ ପଚାରନ୍ତି ନାହିଁ। ଆଜିକାଲି କାହାରି ପାଇଁ ଯେମିତି କାହା ପାଖେ ସମୟ ନାହିଁ। ଗାଁ ପୋଖରୀରେ ଗାଧେଇବା, ମାଛ ଧରିବା, ଦୁଲି ଦଣ୍ଡା ଖେଳ ଆଦି କେତେ କଣ ପିଲାଦିନର ସ୍ମୃତି ସବୁ ଅଛି। କିନ୍ତୁ ଆଜିକାଲିର ପିଲାଙ୍କ ମଧ୍ୟରେ ଖେଳକୁଦ ଏବଂ ଗାଁ ଯେପରି ଅଜଣା। ପାଠପଢ଼ା ଏବଂ ସାମାଜିକ ଗଣମାଧ୍ୟମରେ କେବଳ ସମୟ ବିତାଉଛନ୍ତି। ସେଥିପାଇଁ ସବୁ ଛୁଟିରେ ସେ ଗାଁକୁ ଯାଇ ସମୟ ବିତାଇବାକୁ ପସନ୍ଦ କରନ୍ତି।

**ଆମେ ଗାଁରୁ ଆସିଛୁ**

# ହାତୀପଲଙ୍କ ଉତ୍ପାତ; ପର୍ଯ୍ୟଟକଙ୍କୁ ଶିଖରଚଣ୍ଡୀ ବାରଣ

ନନ୍ଦନକାନନ, ୨୭।୧୨(ସମିସ): ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ରାଜଧାନୀକୁ ଘାରିଛି ହାତୀ ବିପଦ। ରାଜଧାନୀବାସୀ, ଏହାର ଆଖପାଖ ଅଞ୍ଚଳରୁ ଏବଂ ବାହାରୁ ବହୁ ପର୍ଯ୍ୟଟକଙ୍କ ଭୁବନେଶ୍ୱର ଶିଖରଚଣ୍ଡୀ ମନ୍ଦିର ଆସି ଭୋଜି କରିବା ସହ ମୌଜ ମଜଲିସ କରି ହସ ଖୁସିରେ ଦିନ କାଟିଥାନ୍ତି। ହେଲେ ଏବେ ରାଜଧାନୀର ଛାତିରେ ହାତୀ ପଲଙ୍କ ଆତଙ୍କ ଯୋଗୁଁ ସବୁ ଭୟଭୀତ ହେବା ସହ ଭୋଜିଭାତ ବୁଲାବୁଲି ବନ୍ଦ ହୋଇଯାଇଛି। ଯାହା ଆଜି ଦେଖିବାକୁ ମିଳିଛି ଶିଖରଚଣ୍ଡୀ ମନ୍ଦିର ଠାରେ। ଏଠାରେ ହାତୀ ପଲ ଗତ କିଛି ଦିନ ହେଲା ଆତଙ୍କ ଖେଳାଇ ଥିବା ବେଳେ ବନ ବିଭାଗ ଏମାନଙ୍କୁ ଜଙ୍ଗଲକୁ ଘଉଡ଼ାଇ ନ ପାରି ଶିଖରଚଣ୍ଡୀ ପାହାଡ଼କୁ ଯିବାକୁ ଲୋକଙ୍କୁ ବାରଣ କରିବା ସହ ଗେଟରେ ତାଲା ପକାଇ ଜଗିରହିଛି। ମିଳିଥିବା ଖବର ଅନୁସାରେ ଗତ ଗୁରୁବାର ଠାରୁ ହାତୀପଲ ଶିଖରଚଣ୍ଡୀ ମୁଣ୍ଡିଆକୁ ଆତଙ୍କିତ କରି ରଖିଛନ୍ତି। ସେଠାରେ ଥିବା ଗଛଭାଙ୍ଗୁଛନ୍ତି। ଚାଲିଥିବା ନିର୍ମାଣ କାର୍ଯ୍ୟ, ପାଣି ପାଇପ ଆଦି କଭାଙ୍ଗି ଚୁରମାର କରିଛନ୍ତି। ହେଲେ ବନ ବିଭାଗ ସେମାନଙ୍କୁ ସେଠାରୁ ବାହାର କରିବ କଣ ଓଲଟି ହାତ ଟେକି ଦେଇଛି। ଯାହାକୁ ନେଇ ଲୋକଙ୍କ ମନରେ ଭୟ ହେବା ସହ ଅସନ୍ତୋଷ ନିରାଶା ଭରି ଯାଇଛି।





ଏନେଇ ନିକଟ ଟାଙ୍ଗିବନ୍ତ ଗ୍ରାମର ଜ୍ୟୋତିରଞ୍ଜନ ସ୍ୱାଇଁ କହିଛନ୍ତି ଯେ ବିଭିନ୍ନ ସମୟରେ ଆମେମାନେ ସାଙ୍ଗସାଥି ପରିବାରଙ୍କୁ ନେଇ ଭୋଜି କରିଥାଉ। ବିଶେଷ କରି ପଟିଆ, କଳାରାହାଙ୍ଗ, ଦାରୁଠେଙ୍ଗ, ରଘୁନାଥପୁର, ଚନ୍ଦ୍ରଶେଖରପୁର, ଟାଙ୍ଗିବନ୍ତ, ଅଳସୁଆ, ପଥରଗାଡ଼ିଆ, ଅନ୍ଧାରୁଆ, ଚନ୍ଦକା ଓ ଏହାର ଆଖପାଖର ଲୋକଙ୍କ ବିଶ୍ୱାସ ଅନୁଯାୟୀ ଇଂରାଜୀ ନୂଆବର୍ଷ ଆସିଲେ ଏଠାକୁ ଆସି ମା'ଙ୍କୁ ପୂଜାର୍ଚ୍ଚନା କରିବା ସହ ଆଗାମୀ ବର୍ଷ ଭଲରେ କାଟିବା ପାଇଁ ଆଶୀର୍ବାଦ ମାଗିଥାନ୍ତି। ବନ ବିଭାଗ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହାକୁ ବନ୍ଦ କରିବା ନେଇ ମନରେ ନିରାଶା ଭରି ଯାଇଛି।

ନିକଟସ୍ଥ ଏକ ପ୍ରତିଷ୍ଠିତ ବିଶ୍ୱ ବିଦ୍ୟାଳୟର ଆସୋସିଏଟ ପ୍ରଫେସର ଅଭୟ କୁମାର ବେହେରା ଏନେଇ ଦୁଃଖ ପ୍ରକାଶ କରିଛନ୍ତି। କହିଛନ୍ତି ଯେ ବର୍ଷ ଶେଷ ଆଡକୁ ଏବଂ ନୂଆ ବର୍ଷରେ ଆମ୍ଭେମାନେ ଏଠାରେ ଖୁସି ମନାଇବାକୁ ଆସିଥାଉ। ମା ଙ୍କୁ ଦର୍ଶନ କରି ଶାନ୍ତି ମିଳିଥାଏ। ହେଲେ ବନ ବିଭାଗ ହାତୀ ଘଉଡ଼ାଇ ନପାରି ଓଲଟି ଲୋକଙ୍କୁ ବାରଣ କରିବାବେଳେ ଆମ ମାନଙ୍କ ଖୁସିରେ ପାଣି ଅଜାଡି ଦେଇଛି।

## ମାଡ଼ମାରି ଟଙ୍କା ଲୁଟ୍ ଘଟଣାରେ ୩ ଗିରଫ

ଭୁବନେଶ୍ୱର, ୨୭।୧୨ (ସମିସ): ମାଡ଼ ମାରି ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଦୁଇ ନାବାଳକ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅରବିନ୍ଦ ନଗରର ଶିବପ୍ରସାଦ ପ୍ରଧାନ। ଦୁଇ ନାବାଳକଙ୍କୁ ପୁଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରାଇଛି। ପୁଲିସ ସୂଚନାନୁଯାୟୀ, ଗାଡ଼କଣର କାବୁଲି ନାୟକ କାମ ସାରି ରାତିରେ ଘରକୁ ଫେରୁଥିଲେ। ଶିବ ଓ ଦୁଇ ନାବାଳକ ତାଙ୍କୁ ରାସ୍ତାରେ ଅଟକାଇ ଟଙ୍କା ମାଗିଥିଲେ। କାବୁଲି ନଦେବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ପାଖରେ ଥିବା ୧୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ କାବୁଲି ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ଶିବ ଓ ଦୁଇ ନାବାଳକଙ୍କୁ ଗିରଫ କରିଛି। ଶିବକୁ କୋର୍ଟ ଚାଲାଣ କରିଥିବା ବେଳେ ଦୁଇ ନାବାଳକଙ୍କୁ ଜେଜେବିରେ ହାଜର କରିଛି ପୁଲିସ।

## ନକଲି ନମ୍ବରପ୍ଲେଟ୍‌ରେ ଗୋ-ଚାଲାଣ



ଭୁବନେଶ୍ୱର, ୨୭।୧୨ (ସମିସ): ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗକୁ ଗୋ-ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି ମାଫିଆ। ଯାଆଁଳା ନିକଟରୁ ପିଛା କରି ପାତ୍ରପଡ଼ା ନିକଟରେ ଧରିଛନ୍ତି ଗୋ ସେବକ। ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ବର୍ଦ୍ଧମାନ କଲୋନୀର ବୀରେନ୍ଦ୍ର ବର୍ମା (୫୨), କୈଳାସପୁରର ୱଜିଦ୍ (୩୨) ଓ ମହାରାଷ୍ଟ୍ର ୱାଗାରିର ୱଜିର୍ ନାଜିର ଶେଖ୍ (୪୭)। ଉଦ୍ଧାର ଗୋରୁଙ୍କୁ ଛୋଟରାୟପୁରସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଛି।

ପୁଲିସ ସୂଚନାନୁସାରେ, ଗୋରୁ ବୋଝେଇ କଣ୍ଟେନର ଆନ୍ଧ୍ରପ୍ରଦେଶରୁ ପଶ୍ଚିମବଙ୍ଗକୁ ଯାଉଥିବା ନେଇ ଗୋ ସେବକମାନେ ଖବର ପାଇଥିଲେ। ପୂର୍ବ ଯୋଜନା ମୁତାବକ ସେମାନେ ଯାଆଁଳା ଛକ ନିକଟରେ ଛକି ରହିଥିଲେ। ସେଠାରୁ କଣ୍ଟେନରକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ରହି ନ ଥିଲା। ଫଳରେ ଗାଡ଼ିକୁ ପିଛା କରି ଆସି ପାତ୍ରପଡ଼ା ଭିମ୍ ନିକଟରେ ରୋକିବାରେ ସକ୍ଷମ ହୋଇଥିଲେ। କଣ୍ଟେନରରେ ଥିବା ବୀରେନ୍ଦ୍ର, ୱଜିଦ୍ ଓ ୱଜିର୍ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଗୋ ସେବକମାନେ ତାଙ୍କୁ କାବୁ କରି ନେଇଥିଲେ। ଗୋରୁ ବୋଝେଇ ଗାଡ଼ି ଓ

■ **ପାତ୍ରପଡ଼ାରୁ ଧରାପଡ଼ିଲା କଣ୍ଟେନର୍**

■ **୩୧ ଗୋରୁ ଉଦ୍ଧାର; ୩ ଗିରଫ**

ଅଭିଯୁକ୍ତମାନଙ୍କୁ ନେଇ ଖଣ୍ଡଗିରି ଥାନା ପୁଲିସକୁ ହସ୍ତାନ୍ତର କରିଥିଲେ।

ଗୋ ଚାଲାଣ ସଂକ୍ରାନ୍ତ କାଗଜପତ୍ର ଦାଖଲ କରି ନ ପାରିବାରୁ ବେଆଇନ ଭାବେ ଗୋରୁ ଚାଲାଣ କରୁଥିବା କଥା ସ୍ପଷ୍ଟ ହୋଇଥିଲା। ଗାଡ଼ି କାଗଜପତ୍ର ଯାଞ୍ଚ ବେଳେ ମଧ୍ୟ ସାଙ୍ଘାତିକ କଥା ପଦାକୁ ଆସିଥିଲା। କଣ୍ଟେନରରେ ନକଲି ନମ୍ବର ପ୍ଲେଟ୍ ଲାଗିଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଥିଲା। ଭୂପେଶ ନାୟକଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେପଟେ ଗୋ-ସେବକଙ୍କ ସହାୟତାରେ ଗୋରୁମାନଙ୍କୁ ନେଇ ଛୋଟରାୟପୁରସ୍ଥିତ ଗୋଶାଳାରେ ଛାଡ଼ି ଦେଇଛି ପୁଲିସ।

## ଡିସିପିଙ୍କ ଚୌଦ୍ୱାର ଜେଲ୍ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ

ଭୁବନେଶ୍ୱର, ୨୭।୧୨(ସମିସ): କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଚୌଦ୍ୱାର ସର୍କଲ ଜେଲ ପରଦର୍ଶନ କରି ଜେଲର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଡିସିପିଙ୍କ ସହ ଅତିରିକ୍ତ ଏସ୍‌ପି ମୀନାକ୍ଷୀ ଠାକୁର ଏବଂ ଜିଲ୍ଲାଜଜ୍ ମାନସ ରଞ୍ଜନ ବାରିକ ଜେଲରେ ଦୀର୍ଘ ସମୟ ରହି ଜେଲ୍‌ର ସୁପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଜେଲ୍ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଡିସିପିଙ୍କ ଏହା ରୁଟିନ୍ ପରିଦର୍ଶନ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ କିଛି ଦିନ ହେବ ଜେଲରେ ବହୁ ଅଘଟଣ ଘଟି ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଗତ ଅକ୍ଟୋବରରେ ଜେଲ୍‌ର ସୁଉଚ୍ଚ ପାଚେରି ଡେଇଁ ୨ଜଣ କୁଖ୍ୟାତ ଅପରାଧୀ ଫେରାର ହୋଇଯିବା ଓ ତାର କିଛିଦିନ ପରେ ଜଣେ ଆଜୀବନକଏଦୀଆତ୍ମହତ୍ୟାକରିବାଘଟଣା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଥିଲା।

# ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ; ମାଆ ଓ ପୁଅ ଗିରଫ

ଭୁବନେଶ୍ୱର, ୨୭।୧୨ (ସମିସ): ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ଅଭିଯୁକ୍ତ ମାଆ ଓ ପୁଅକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବାପୁଜୀ ନଗର ପିଏଚଡି ସାହିର ଅମର ବେହେରା (୨୮) ଓ ମାଆ ରେଣୁ ବେହେରା (୫୨)।

ପୁଲିସ ସୂଚନା ମୁତାବକ, ଦଶମ ଶ୍ରେଣୀ ପାସ୍ କରିଥିବା ଜଣେ ଛାତ୍ରୀ ୟୁନିଟ୍ ୬ ଅଞ୍ଚଳରେ ପରିବାର ସହ ରହୁଥିବା ବେଳେ ପିଏଚ୍‌ଡି ସାହିର ଅମର କ୍ୟାପିଟାଲ ହସ୍ପିଟାଲରେ ଆମ୍ବୁଲାନ୍ସ ଚଳାଉଥିଲା। ଗତ ଅଗଷ୍ଟ ମାସ ୨୯ ତାରିଖ ଦିନ ନାବାଳିକା ଜଣକ ଥଣ୍ଡାପାନୀୟ ଆଣିବାକୁ ନିକଟସ୍ଥ ଦୋକାନକୁ ଯାଇଥିବା ବେଳେ ଅମର ତାଙ୍କୁ ଅପହରଣ କରି ନେଇଥିଲା। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତଥାପି ତା'ର ସନ୍ଧାନ ପାଇ ନ ଥିଲେ। ଅମର ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ମାଆ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ନାବାଳିକାକୁ ଉଦ୍ଧାର କରିବା ସହ ଅମରକୁ ଗିରଫ କରିଥିଲା। ସେ ନାବାଳିକାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏଥିସହିତ ନାବାଳିକାଙ୍କୁ ଅପହରଣ କରିବା ପଛରେ ଅମରର ମାଆଙ୍କ ଭୂମିକା ରହିଥିବା ଜଣାପଡ଼ିବା ପରେ ରେଣୁଙ୍କୁ ଗିରଫ କରିଥିଲା ପୁଲିସ। ପୂର୍ବରୁ କେବଳ ଅପହରଣ ମାମଲା ରୁଜୁ କରିଥିବା ପୁଲିସ ଅଭିଯୁକ୍ତକୁ ଗିରଫ କରିବା ପରେ ଦୁଷ୍କର୍ମ ଦଫା ଯୋଡ଼ିଛି। ମାଆ ଓ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅପରାଧ ଅଳିନ୍ଦରେ ଅଣନିଃଶ୍ୱାସୀ ପୁଲିସ

ଭୁବନେଶ୍ୱର, ୨୭।୧୨ (ସମିସ): ଆଗକୁ ନୂଆ ବର୍ଷ ଆସୁଥିବା ବେଳେ ରାଜଧାନୀରେ ଡେରା ପକାଇଛନ୍ତି ଲୁଟେରା। ରାଜ୍ୟ ତଥା ରାଜ୍ୟ ବାହାରୁ ଅପରାଧୀମାନେ ଆସି ଆଡ୍ଡା ଜମାଇଲେଣି। ଖାଲି ଆଡ୍ଡା ଜମାଇ ନାହାନ୍ତି, ସମୟ ସୁଯୋଗ ଦେଖି ଲୁଟପାଟ୍ କରୁଛନ୍ତି। ପୁଲିସକୁ ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଉଛନ୍ତି। ଲଗାତାର ଛିନତାଇ ଗ୍ୟାଙ୍ଗର ଆତଙ୍କ ପୁଲିସର ପାରିବା ପଣିଆକୁ ପଦାରେ ପକାଇଥିବା ବେଳେ ସପ୍ତାହରେ ୧୫ରୁ ଅଧିକ ବାଇକ୍ ଚୋରି ପୁଲିସକୁ ଚିନ୍ତାରେ ପକାଇଛି। ସେପଟେ ଡିକି ଭଙ୍ଗା ଓ ନିଶାଦିଆ ଲୁଟେରା ମଧ୍ୟ ପଛରେ ପଡ଼ିନାହାନ୍ତି। ଅପରାଧୀଙ୍କ ଆତଙ୍କରାଜ 'ୱି କେୟାର, ୱି ଡେୟାର' ନାରାର ଧଜିଆ ଉଡ଼ାଇଥିବା ବେଳେ 'ନିଜ ସୁରକ୍ଷା ନିଜ ହାତରେ' ଭଳି ପରିସ୍ଥିତି ସୃଷ୍ଟି କଲାଣି।

■ **ଡିକି ଭଙ୍ଗା ଲୁଟେରାଙ୍କ ଉତ୍ପାତ**

■ **ଚିନ୍ତା ବଢ଼ାଇଲେଣି ଛିନତାଇ ଗ୍ୟାଙ୍ଗ**

ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ସମ୍ପୁରା ଗାଁର ଖିତିଶ ପାତ୍ର ଏକ ପରୀକ୍ଷା ଦେବାକୁ ୟୁନିଟ୍-୯ସ୍ଥିତ ଏକ ସ୍କୁଲକୁ ଆସିଥିଲେ। ସ୍କୁଟି ପାର୍କିଂ କରି ପରୀକ୍ଷା ଦେବାକୁ ଯାଇଥିବା ବେଳେ ଡିକି ଭାଙ୍ଗି କଳା କନା ବୁଲାଇଥିଲେ ଦୁର୍ବୃତ୍ତ। ସ୍କୁଟି ଡିକି ଭିତରୁ ମୋବାଇଲ ଫୋନ, ସୁନା ମୁଦି, ରୁପା ବ୍ରେସଲେଟ୍, ହାତ ଘଣ୍ଟା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ଖିତିଶ ଖାରବେଳ ନଗର ଥାନାରେ ଏତଲା ଦେଇଛନ୍ତି। ସେହିପରି ନୀଳାଦ୍ରି ବିହାର ସେକ୍ଟର ୩ର ସଂଯୁକ୍ତା ପୃଷ୍ଟି ସନ୍ଧ୍ୟା ସମୟରେ ସ୍ଥାନୀୟ ଅଞ୍ଚଳରେ ଥିବା ଅନ୍ନପୂର୍ଣ୍ଣା ଜୁଏଲାରୀକୁ ଯାଇଥିଲେ। ଦୋକାନରେ ବସିଥିବା ବେଳେ ଜଣେ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇ ସହଯୋଗୀ ସହ ଗାଡ଼ିରେ ବସି ଫେରାର ହୋଇ ଯାଇଥିଲା। ସଂଯୁକ୍ତାଙ୍କ ଚିତ୍କାର ଶୁଣି କିଛି ଲୋକ ସେମାନଙ୍କ ପିଛା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ସଂଯୁକ୍ତାଙ୍କ ପୁଅ ରଞ୍ଜନ କୁମାର ପୃଷ୍ଟିଙ୍କ ଏତଲା ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ମାମଲା ରୁଜୁ କରିଛି।

କେବଳ ଛିନତାଇ କି ଡିକି ଭଙ୍ଗା ଲୁଟେରା ନୁହଁନ୍ତି, ନିଶା ଦିଆ ଲୁଟେରା ମଧ୍ୟ ନିଜର ଦବଦବା ଦେଖାଇଛନ୍ତି। ଦେହ ଦୁଃଖରେ ଡାକ୍ତରଖାନାକୁ ଆସିଥିବା ରୋଗୀ ସମ୍ପର୍କୀୟଙ୍କୁ ନିଶା ଦେଇ ଲୁଟି ନେଇଛନ୍ତି। ଯାଜପୁର ଜିଲ୍ଲା ଟମକା ଥାନା ଖଡ଼ରାବନ୍ଧୀର ପୂର୍ଣ୍ଣଚନ୍ଦ୍ର ମୁଦୁଲି ତାଙ୍କ ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ଉତ୍କଳ ହସ୍ପିଟାଲକୁ ଆସିଥିଲେ। ରାତିରେ ଡାକ୍ତରଖାନା ବାହାରେ ଶୋଇଥିବା ବେଳେ ଅଜଣା ଲୋକ ଆସି ଚା'ରେ ନିଶାଦ୍ରବ୍ୟ ମିଶି ପିଇବାକୁ ଦେଇଥିଲା। ପୂର୍ଣ୍ଣଚନ୍ଦ୍ର ଚା' ପିଇବା ପରେ ଅଚେତ ହୋଇ ପଡ଼ିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଜଣକ ତାଙ୍କ ମୋବାଇଲ ଫୋନ ଓ ୨୦ ହଜାର ଟଙ୍କା ଲୁଟି ନେଇଥିଲା। ଅପରାଧର ତାଲିକା ଏତିକିରେ ସରିନାହିଁ, ନିକଟରେ ଘଟିଥିବା ଅନେକ ଘଟଣାରେ ଅପରାଧୀଙ୍କୁ ଧରିବା ତ ଦୂରରେ ଥାଉ, ସେମାନଙ୍କୁ ଚିହ୍ନଟ ମଧ୍ୟ କରିପାରିନାହିଁ।

ତମାଣ୍ଡୋ ବେହେରା ଢାବା ନିକଟରେ ସୁନା ଚେନ ଲୁଟ ବେଳେ ମହିଳାଙ୍କ ହାତ ଭାଙ୍ଗିବା ଘଟଣା ହେଉ କି ଝାରପଡ଼ା ଓଭରବ୍ରିଜରେ ବନ୍ଧୁକ ଦେଖାଇ ଡ୍ରାଇଭରଙ୍କ ଠାରୁ ଲୁଟ୍ ଘଟଣା ହେଉ, କେଉଁଥିରେ ମଧ୍ୟ ପୁଲିସକୁ ଏଯାଏଁ ସଫଳତା ମିଳିପାରିନାହିଁ। କମିସନରେଟ ପୁଲିସ ପକ୍ଷରୁ ପ୍ରତିଦିନ ରାଜଧାନୀର ଗଳିକନ୍ଦିରେ ପାଟ୍ରୋଲିଂ ସାଙ୍ଗକୁ ବିଭିନ୍ନ ଛକରେ ନାଇଟ୍ ବ୍ଲକିଂ କରାଯାଉଛି।



ତଥାପି ଅପରାଧ କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ଆସନ୍ତା ବୁଧବାର ଜିରୋ ନାଇଟରେ ମତୁଆଲା ହେବାକୁ କରିବାକୁ ଯୁବପିଢ଼ି ଚାହିଁ ବସିଥିବା ବେଳେ ଲଗାତାର ଅପରାଧ ନାଗରିକମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି। ସେପଟେ ଆଗକୁ ନୂଆବର୍ଷ ଆସୁଥିବାବେଳେ ରାଜଧାନୀରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିବ। ଖଣ୍ଡଗିରି, ଉଦୟଗିରି, ଧଉଳି ଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିର ଓ ନନ୍ଦନକାନନ ବୁଲିବାକୁ ଲୋକମାନେ ରାଜଧାନୀକୁ ଆସିବେ। ଏବେଠାରୁ ଅପରାଧୀଙ୍କ ଉତ୍ପାତ ଆରମ୍ଭ ହୋଇ ଯାଇଥିବା ବେଳେ ଆଗକୁ ବିପଦଜନକ ସ୍ଥିତି ସୃଷ୍ଟି ନ କରିବ, ସେ କଥାକୁ ଏଡ଼ାଇ ଦିଆଯାଇ ନପାରେ।

ଏକାଦଶାହ ଉପଲକ୍ଷେ



୰ସନ୍ତୋଷ କୁମାର ମହାନ୍ତି
୧୦୮/ଏ, ଲୋଟସ୍ ହାଉସ୍, ଷ୍ଟେସନ ସ୍କୋୟାର, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ - ୨୬.୦୬.୧୯୫୫
ତିରୋଧାନ - ୧୮.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ନିବେଦନ କରୁଅଛୁ।
-: ଶୋକାସନ୍ତପ୍ତ :-
ଝିଅ-ଜ୍ୱାଇଁ : ପ୍ରଜ୍ଞାସ୍ମିତା-ଡା. ଦିପ୍ତିକାନ୍ତ, ସୁଚିସ୍ମିତା-ଜ୍ୟୋତି ରଞ୍ଜନ
ନାତି ଓ ନାତୁଣୀ- ଲକ୍ଷଜିତ, ଜାନ୍‌ଭି, ଇଳିତେଶ
ଏବଂ ବନ୍ଧୁ ଓ ପରିବାର ବର୍ଗ



